# NATIONAL NEWS BULLETIN (ODIA)
## 28th December - 2025
## Morning Bulletin : 7.15 a.m.

********************************

ଆକାଶବାଣୀ.....     ସମ୍ବାଦ ପଢ଼ୁଛନ୍ତି.....     **ସତ୍ୟବ୍ରତ ବେହୁରା**

## ମୁଖ୍ୟ ସମ୍ବାଦ

- କର୍ଣ୍ଣାଟକର କରୱାର ସାମୁଦ୍ରିକ ଘାଟି ଆଜି ପରିଦର୍ଶନ କରିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।
- ପ୍ରଶାସନ ଏବଂ ସଂସ୍କାର ସମ୍ପର୍କିତ ମୁଖ୍ୟ ଶାସନ ସଚିବମାନଙ୍କ ପଞ୍ଚମ ଜାତୀୟ ସମ୍ମିଳନୀର ଦ୍ୱିତୀୟ ଦିବସରେ ଆଜି ଅଧ୍ୟକ୍ଷତା କରିବେ ପ୍ରଧାନମନ୍ତ୍ରୀ ।
- ଆକାଶବାଣୀର ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଆଜି ପୂର୍ବାହ୍ନ ୧୧ଟାରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ ପ୍ରଧାନମନ୍ତ୍ରୀ ।
- ଦୁଇଟି ପ୍ରମୁଖ ଜାହାଜ ନିର୍ମାଣ ପଦକ୍ଷେପକୁ ତ୍ୱରାନ୍ୱିତ କରିବା ଲାଗି ପରିଚାଳନାଗତ ନିର୍ଦ୍ଦେଶାବଳୀ ଜାରି କଲେ କେନ୍ଦ୍ର ସରକାର ।

ଏବଂ

- ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ ମହିଳା କ୍ରିକେଟ୍ ସିରିଜ୍‌ର ଆଜି ଅନୁଷ୍ଠିତ ହେବ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଚତୁର୍ଥ ମ୍ୟାଚ୍ ।

## ପ୍ରେସିଡେଣ୍ଟ - କର୍ଣ୍ଣାଟକ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି କର୍ଣ୍ଣାଟକର କର୍‌ୱାର୍‌ସ୍ଥିତ ଆଇ.ଏନ୍.ଏସ୍. କରମ୍ବା ସାମୁଦ୍ରିକ ଭିତ୍ତିଭୂମି ପରିଦର୍ଶନ କରିବେ । ରାଷ୍ଟ୍ରପତି ଗୋଆରୁ ଆସି କର୍‌ୱାର ସାମୁଦ୍ରିକ ଘାଟିରେ ପହଞ୍ଚିବେ । ଶ୍ରୀମତୀ ମୁର୍ମୁଙ୍କୁ ସେଠାରେ ସ୍ୱାଗତ କରିବା ନିମନ୍ତେ କର୍ଣ୍ଣାଟକର ରାଜ୍ୟପାଳ ଥାୱରଚାନ୍ଦ ଗେହଲଟ୍ ଏବଂ ରାଜ୍ୟର ପ୍ରମୁଖ ମନ୍ତ୍ରୀମାନେ ଉପସ୍ଥିତ ରହିବେ । ପୂର୍ବତନ ରାଷ୍ଟ୍ରପତି ଡକ୍ଟର ଏ.ପି.ଜେ. ଅବଦୁଲ୍ କାଲାମଙ୍କ ପରେ ଦ୍ୱିତୀୟ ରାଷ୍ଟ୍ରପତି ଭାବେ ଶ୍ରୀମତୀ ମୁର୍ମୁ କର୍‌ୱାର ସାମୁଦ୍ରିକ ଘାଟି ପରିଦର୍ଶନ କରିବେ । ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ସମ୍ପୃକ୍ତ ଅଞ୍ଚଳରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । କର୍‌ୱାର୍‌ରୁ ମଜାଲି ପର୍ଯ୍ୟନ୍ତ ମାଛଧରା ଉପରେ ୧୮ କିଲୋମିଟର ପର୍ଯ୍ୟନ୍ତ କଟକଣା ଜାରି କରାଯାଇଛି ।

# ପି.ଏମ୍. - ଚିଫ୍ ସେକ୍ରେଟାରୀଜ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂଆଦିଲ୍ଲୀରେ ଆଜି ମୁଖ୍ୟ ଶାସନ ସଚିବମାନଙ୍କ ପଞ୍ଚମ ଜାତୀୟ ସମ୍ମିଳନୀରେ ଅଧ୍ୟକ୍ଷତା କରିବେ । ଗତକାଲି ମଧ୍ୟ ପ୍ରଧାନମନ୍ତ୍ରୀ ଏଥିରେ ଅଧ୍ୟକ୍ଷତା କରିଥିଲେ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦି କହିଛନ୍ତି, ଏହି ସମ୍ମିଳନୀରେ ପ୍ରଶାସନ ଏବଂ ସଂସ୍କାର ସମ୍ପର୍କିତ ଅନେକ ପ୍ରସଙ୍ଗ ଉପରେ ଅନ୍ତର୍ଦୃଷ୍ଟପୂର୍ଣ୍ଣ ଆଲୋଚନା ହୋଇଛି । ଏହି ତିନିଦିନିଆ ସମ୍ମିଳନୀ ଗତକାଲିଠାରୁ ଆରମ୍ଭ ହୋଇଛି । ଏହାର ଉଦ୍ଦେଶ୍ୟ ହେଉଛି, କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ଭାଗିଦାରିତାକୁ ସୁଦୃଢ଼ କରି ଏକ ସଙ୍ଗଠିତ ଓ ସମାବେଶୀ ଆଲୋଚନା ଜରିଆରେ ଜାତୀୟ ବିକାଶକୁ ପ୍ରାଧାନ୍ୟ ଦେବା । କେନ୍ଦ୍ର ଏବଂ ରାଜ୍ୟ ସହଯୋଗରେ ଦେଶର ମାନବ ସମ୍ବଳ ସାମର୍ଥ୍ୟ ବୃଦ୍ଧି ଏବଂ ଭବିଷ୍ୟତ ବିକାଶକୁ ପ୍ରସ୍ତୁତ ରଖିବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀଙ୍କ ସଂଘୀୟ ସହଯୋଗ ଦୃଷ୍ଟିକୋଣକୁ ପୂର୍ଣ୍ଣ ରୂପ ଦେବା ଲାଗି ସମ୍ମିଳନୀରେ ଆଲୋଚନା ହୋଇଛି । ବିକଶିତ ଭାରତ ଲାଗି ମାନବ ସମ୍ବଳ ପ୍ରସଙ୍ଗକୁ ନେଇ ସମ୍ମିଳନୀରେ ଆଲୋଚନା ହେବା ସହ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକପାଇଁ ସର୍ବୋତ୍ତମ ବ୍ୟବସ୍ଥା ଆପଣେଇବା ଲାଗି ସହମତି ପ୍ରକାଶ ପାଇଛି । ମୁଖ୍ୟତଃ ପ୍ରାରମ୍ଭିକ ଶିଶୁଶିକ୍ଷା, ବିଦ୍ୟାଳୟ ଶିକ୍ଷା, ଦକ୍ଷତା, ଉଚ୍ଚଶିକ୍ଷା, କ୍ରୀଡ଼ା ଏବଂ ଅନ୍ୟାନ୍ୟ କାର୍ଯ୍ୟକଳାପ ଉପରେ ଆଲୋଚନା କରାଯାଉଛି । ସମ୍ମିଳନୀରେ ୬ଟି ସ୍ୱତନ୍ତ୍ର ଅଧିବେଶନରେ ଶାସନ ବ୍ୟବସ୍ଥାରେ

ପ୍ରଯୁକ୍ତିବିଦ୍ୟାର ବ୍ୟବହାର, ବିପଦ ଏବଂ ଏହାର ଦୂରୀକରଣ, ସ୍ମାର୍ଟ ଯୋଗାଣ ଶୃଙ୍ଖଳ ଓ ବଜାର ସଂଯୋଗୀକରଣ ପାଇଁ ଏଗ୍ରିଷ୍ଟାକ୍, ଏକ ରାଷ୍ଟ୍ର-ଏକ ବିଶ୍ୱ ପର୍ଯ୍ୟଟନ ଲକ୍ଷ୍ୟ, ଆତ୍ମନିର୍ଭର ଭାରତ ଏବଂ ସ୍ୱଦେଶୀ ଓ ବାମପନ୍ଥୀ ଉଗ୍ରବାଦ ପରବର୍ତ୍ତୀ ଭବିଷ୍ୟତ ସମ୍ପର୍କରେ ଆଲୋଚନା କରାଯାଉଛି ।

## ଶିବରାଜ - ବିକଶିତ ଭାରତ ଜି. ରାମ ଜି.

ରାଷ୍ଟ୍ରୀୟ ଗ୍ରାମୀଣ ନିଯୁକ୍ତି ଗ୍ୟାରେଣ୍ଟି ନିୟମରେ ମହାତ୍ମା ଗାନ୍ଧିଙ୍କ ନାମ ଯୋଡ଼ି ନିର୍ବାଚନ ଫାଇଦା ନେବା ଲାଗି କଂଗ୍ରେସ ଚେଷ୍ଟା କରିଥିଲା ବୋଲି କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ କହିଛନ୍ତି । ଗତକାଲି ଭୋପାଳରେ ଗଣମାଧ୍ୟମକୁ ସମ୍ବୋଧିତ କରି ଶ୍ରୀ ଚୌହାନ କହିଛନ୍ତି, କଂଗ୍ରେସ ସରକାର ଅମଳରେ ଦୁର୍ନୀତିପାଇଁ ମନରେଗାକୁ ବ୍ୟବହାର କରୁଥିଲା ଏବଂ ଏଥିଲାଗି ବଜେଟ୍ ଆବଣ୍ଟନ ପରିମାଣ ମଧ୍ୟ ହ୍ରାସ କରି ଚାଲିଥିଲା । ମନ୍ତ୍ରୀ କହିଛନ୍ତି, ନୂଆ ବିକଶିତ ଭାରତ ଜି. ରାମ ଜି. ଯୋଜନାରେ ୧ ଲକ୍ଷ ୫୧ ହଜାର କୋଟିରୁ ଅଧିକ ଟଙ୍କାର ବ୍ୟୟ ବରାଦ କରାଯାଇଛି, ଯାହାଫଳରେ ଶ୍ରମିକମାନେ ଯଥେଷ୍ଟ କାର୍ଯ୍ୟ ପାଇପାରିବେ । ସେ କହିଛନ୍ତି, ବିକଶିତ ଭାରତର ଉଦ୍ଦେଶ୍ୟ ହେଉଛି, ଗ୍ରାମପଞ୍ଚାୟତ ଦ୍ୱାରା ସମସ୍ତ ବିକାଶ କାର୍ଯ୍ୟ କରାଯିବାର ମୁଖ୍ୟ ମାଧ୍ୟମ । ପୂର୍ବର ଉପା ସରକାର ମନରେଗା ଯୋଜନାରେ କେବଳ ୨ ଲକ୍ଷ ୧୩ ହଜାର କୋଟି ଟଙ୍କା ଖର୍ଚ୍ଚ

କରିଥିବାବେଳେ ନରେନ୍ଦ୍ର ମୋଦିଙ୍କ ସରକାର ୮ ଲକ୍ଷ ୫୩ ହଜାର କୋଟି ଟଙ୍କାରୁ ଅଧିକ ବ୍ୟୟ କରିଛନ୍ତି ।

***Voice (Sivaraj-1)*** :.......

ମନ୍ତ୍ରୀ ଶ୍ରୀ ଚୌହାନ କହିଛନ୍ତି, ଏହି ଯୋଜନାରେ ସବୁଠାରୁ ପଛୁଆ ପଞ୍ଚାୟତ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯିବାର ଲକ୍ଷ୍ୟ ରଖାଯାଇଛି । ଏହାଦ୍ୱାରା ଅଧିକ ଅର୍ଥ ବିନିଯୋଗ ସହ ଜନସାଧାରଣଙ୍କ ସହଯୋଗ ଏବଂ ସୁବିଧାଗୁଡ଼ିକ ସହଜ ଉପଲବ୍ଧ ହେବ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଜୀବନଶୈଳୀର ମାନ ପରିବର୍ତ୍ତନ ସହ ସ୍ୱଚ୍ଛ ଏବଂ ଦୀର୍ଘସ୍ଥାୟୀ ଆୟ ସଂରଚନା କରାଯିବା ଉପରେ ଗୁରୁତ୍ୱ ଦିଆଯାଇଛି ।

***Voice (Sivaraj-2)*** :.......

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପୂର୍ବାହ୍ନ ୧୧ଟା ବେଳେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ । ଏହା ହେବ ୧୨୯ ତମ ମନ କି ବାତ୍ କାର୍ଯ୍ୟକ୍ରମ । ଏହି କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟୱ୍ୱର୍କ, ଆକାଶବାଣୀ ୱେବ୍‌ସାଇଟ୍ ଓ Newsonair ମୋବାଇଲ୍ App ରେ ଉପଲବ୍ଧ ହେବ ।

ଏହା ମଧ୍ୟ ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ Live Striming ହେବ । ହିନ୍ଦୀ ପ୍ରସାରଣ ପରେ ଆକାଶବାଣୀ କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ କରିବ । ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

## ସୋନୋୱାଲ୍ - ସିପ୍ ବିଲ୍ଡିଂ

କେନ୍ଦ୍ର ସରକାର ୨ଟି ପ୍ରମୁଖ ଜାହାଜ ନିର୍ମାଣ ପଦକ୍ଷେପକୁ ତ୍ୱରାନ୍ୱିତ କରିବା ଲାଗି ପରିଚାଳନାଗତ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି । ଏଥିଲାଗି ୪୪ ହଜାର ୭ ଶହ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ଏହାଦ୍ୱାରା ଦେଶର ଘରୋଇ ଜାହାଜ ନିର୍ମାଣ ସାମର୍ଥ୍ୟ ବୃଦ୍ଧି ପାରିବା ସହ ବିଶ୍ୱସ୍ତରୀୟ କରାଯାଇପାରିବ । ଏହି ପଦକ୍ଷେପସ୍ୱରୂପ ଜାହାଜ ନିର୍ମାଣ ଆର୍ଥିକ ସହାୟତା ଯୋଜନା ଏବଂ ବିକାଶ ଯୋଜନା ପ୍ରଣୟନ କରାଯାଇଛି । କେନ୍ଦ୍ର ବନ୍ଦର, ଜାହାଜ ଏବଂ ଜଳମାର୍ଗ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ୍ କହିଛନ୍ତି, ଏହି ନିର୍ଦ୍ଦେଶାବଳୀ ପରେ ଜାହାଜ ନିର୍ମାଣ କାର୍ଯ୍ୟକୁ ସ୍ୱଚ୍ଛ ଭାବରେ ତ୍ୱରାନ୍ୱିତ କରାକଯାଇପାରିବ । ବିକଶିତ ଭାରତ ଏବଂ ଆତ୍ମନିର୍ଭର ଭାରତ ଲକ୍ଷ୍ୟ ପୂରଣ ନେଇ ବିଶ୍ୱସ୍ତରୀୟ ସାମର୍ଥ୍ୟ ବୃଦ୍ଧି ଦିଗରେ ଏହି ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ

ସାବ୍ୟସ୍ତ ହେବ ବୋଲି ସେ କହିଛନ୍ତି । ୨୦୩୬ ମସିହା ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଏହି ଯୋଜନା ବଳବତ୍ତର ରହିବ ବୋଲି ମନ୍ତ୍ରୀ କହିଛନ୍ତି ।

## ଇୟର ଏଣ୍ଡର ଇନ୍‌ଫ୍ରାଷ୍ଟ୍ରକ୍‌ଚର

ଭାରତର ବିକାଶ ଯାତ୍ରାରେ ୨୦୨୫ ଏକ ସ୍ୱତନ୍ତ୍ର ଅଧ୍ୟାୟ ସୃଷ୍ଟି କରିଛି । ବିଭିନ୍ନ ନୀତିକୁ ବାସ୍ତବତାରେ ପରିଣତ କରାଯାଇ ଦେଶର ବିକାଶ କ୍ଷେତ୍ରରେ ଏହାର ଉପଯୋଗୀତା ସକାରାତ୍ମକ ପ୍ରଭାବ ପକାଇଛି । ସ୍ୱତନ୍ତ୍ର ସିରିଜ୍ ସଂସ୍କାରର ବର୍ଷରେ ଆସନ୍ତୁ ଜାଣିବା ୨୦୨୫ ମସିହାରେ ଦେଶର ଭିତ୍ତିଭୂମି ବିକାଶରେ ଘଟିଥିବା ପରିବର୍ତ୍ତନ ସମ୍ପର୍କରେ ।

ଭାରତର ବିକାଶଯାତ୍ରାରେ ୨୦୨୫ କେବଳ ଏକ ନୂତନ ଅଧ୍ୟାୟ ସୃଷ୍ଟି କରି ନାହିଁ; ବରଂ ରେଳ, ସଡ଼କ କନେକ୍ଟିଭିଟି ଯୋଗାଯୋଗ, ବେସାମରିକ ବିମାନ ଉଡ଼ାଣ, ସାମୁଦ୍ରିକ ଏବଂ ଡିଜିଟାଲ୍ କ୍ଷେତ୍ରରେ ବ୍ୟାପକ ଉନ୍ନତି କରିଛି । ସରକାର ୨୦୨୫-୨୬ ଆର୍ଥିକ ବର୍ଷରେ ଏସବୁ କ୍ଷେତ୍ରର ଭିତ୍ତିଭୂମି ସଂରଚନାର ଦୃଢ଼ୀକରଣ ପାଇଁ ୧୧ ଲକ୍ଷ କୋଟି ଟଙ୍କାରୁ ଅଧିକ ବିନିଯୋଗ କରିଛନ୍ତି, ଯାହା ୩ ଦଶମିକ ୧ ପ୍ରତିଶତ ଜି.ଡି.ପି.କୁ ଦର୍ଶାଉଛି । ୨୦୨୫ରେ ଦେଶରେ ରେଳ ଭିତ୍ତିଭୂମିର ବିକାଶ ଇତିହାସ ସୃଷ୍ଟି କରିଛି । ଚଳିତ ବର୍ଷ ତାମିଲନାଡୁରେ ଭାରତର ପ୍ରଥମ ସାମୁଦ୍ରିକ ଉଠାପୋଲ 'ପମ୍ବନ୍

ବ୍ରିଜ୍’ ଉଦ୍‌ଘାଟିତ ହୋଇଛି । ଏହା ଦେଶର ଇଞ୍ଜିନିୟରିଂ କ୍ଷେତ୍ରର ଏକ ସଫଳତମ ନମୁନା ଭାବେ ବିଚାର କରାଯାଇଛି ।

ସେହିପରି ଉଦ୍ଧମପୁର-ଶ୍ରୀନଗର-ବାରମୁଲା ରେଳ ସଂଯୋଗୀକରଣ ପ୍ରକଳ୍ପରେ ‘ଚେନାବ ବ୍ରିଜ୍’ର ମଧ୍ୟ ଉଦ୍‌ଘାଟନ କରାଯାଇଛି । ପ୍ରଥମ ଥରପାଇଁ ଜାତୀୟ ରେଳ ନେଟ୍‌ୱାର୍କରେ ମିଜୋରାମକୁ ଯୋଡ଼ାଯାଇଥିବାବେଳେ ଉତ୍ତର-ପୂର୍ବାଞ୍ଚଳର ବିକାଶକୁ ନୂଆ ଗତି ମିଳିପାରିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ରେଳ ଯୋଗାଯୋଗକୁ ଉତ୍ସର୍ଗ କରିବା ଅବସରରେ କହିଥିଲେ, ଏହା କେବଳ ଏକ ସଂଯୋଗ ବ୍ୟବସ୍ଥା ନୁହେଁ, ବରଂ ମିଜୋରାମ୍‌ର ଲୋକମାନଙ୍କପାଇଁ ପରିବର୍ତ୍ତନର ଏକ ନୂଆ ଅଧ୍ୟାୟ ।

ଦେଶରେ ମେଟ୍ରୋ ନେଟ୍‌ୱାର୍କ ୨୪୦ କିଲୋମିଟର ଥିବାବେଳେ ୨୦୨୫ ସୁଦ୍ଧା ଏହା ୧ ହଜାର କିଲୋମିଟରରୁ ଅଧିକ ହୋଇଛି । ଏବେ ଭାରତର ମେଟ୍ରୋ ନେଟ୍‌ୱାର୍କ ବିଶ୍ୱର ତୃତୀୟ ବୃହତ୍ତମ ମେଟ୍ରୋ ନେଟ୍‌ୱାର୍କ ପାଲଟିଛି । ବିହାରର ପ୍ରଥମ ବନ୍ଦେ ମେଟ୍ରୋ ଜୟନଗର ଓ ପାଟନାକୁ ସଂଯୋଗ କରୁଥିବାବେଳେ ବିଶ୍ୱର ତୃତୀୟ ବୃହତ୍ତମ ବେସାମରିକ ବିମାନ ଚଳାଚଳ କ୍ଷେତ୍ରରେ ଭାରତରେ ୨୦୧୪ ମସିହାରେ ୭୪ଟି ବିମାନ ବନ୍ଦର ଥିବାବେଳେ ୨୦୨୫ ସୁଦ୍ଧା ଏହା ୧୬୩କୁ ବୃଦ୍ଧି ପାଇଛି ।

ସେହିପରି ଜାତୀୟ ରାଜପଥ ନେଟ୍‌ୱାର୍କ ୨୦୧୯ ମସିହା ସୁଦ୍ଧା ୧ ଲକ୍ଷ ୩୨ ହଜାର କିଲୋମିଟର ଥିବାବେଳେ ଏବେ ଏହା ୧ ଲକ୍ଷ ୪୬

ହଜାର କିଲୋମିଟରକୁ ବୃଦ୍ଧି ପାଇଛି । ଏହି ସମ୍ପ୍ରସାରିତ ଜାତୀୟ ରାଜପଥ ନେଟ୍‌ୱାର୍କ ଦେଶର ଅର୍ଥନୈତିକ ବିକାଶକୁ ଆହୁରି ସୁଦୃଢ଼ କରିଛି ।

## ତାଇୱାନ୍ - ଆର୍ଥକ୍ୱାକ୍

ତାଇୱାନ୍‌ର ଉତ୍ତର-ପୂର୍ବ ଉପକୂଳରେ ୬ ଦଶମିକ ୬ ସାନ୍ଦ୍ରତା ବିଶିଷ୍ଟ ଭୂକମ୍ପ ଅନୁଭୂତ ହୋଇଥିବା ଆମେରିକାର ଭୂବିଜ୍ଞାନ ସର୍ବେକ୍ଷଣ ସଂସ୍ଥା କହିଛି । ବିଳମ୍ବିତ ରାତ୍ର ପ୍ରାୟ ସ୍ଥାନୀୟ ସମୟ ୧୧ଟା ୫ ମିନିଟ୍ ସମୟରେ ୟିଲାନ୍ ଉପକୂଳ ସହରର ୩୨ କିଲୋମିଟର ଦୂରବର୍ତ୍ତୀ ସ୍ଥାନରେ ତାଇପେଇର ରାଜଧାନୀ ସମେତ ଦ୍ୱିପାଞ୍ଚଳରେ ଭୂକମ୍ପର ଝଟ୍‌କା ଅନୁଭୂତ ହୋଇଥିଲା । ଏହାର ପ୍ରଭାବରେ କୋଠାଗୁଡ଼ିକ ଥରି ଉଠିଥିଲା । ଏହି ଭୂକମ୍ପର କେନ୍ଦ୍ରସ୍ଥଳ ୭୦ କିଲୋମିଟର ଗଭୀରରେ ଥିଲା । ଏପର୍ଯ୍ୟନ୍ତ କ୍ଷୟକ୍ଷତିର ଖବର ମିଳି ନ ଥିଲେ ମଧ୍ୟ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ତାଇୱାନ୍ ରାଷ୍ଟ୍ରପତି ଭୂକମ୍ପ ପରବର୍ତ୍ତୀ ପ୍ରଭାବ ନେଇ ସେଠାକାର ଅଧିବାସୀମାନଙ୍କୁ ସତର୍କ କରାଇ ଦେଇଛନ୍ତି ।

# ୱିମେନ୍ସ କ୍ରିକେଟ୍

ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ ମହିଳା କ୍ରିକେଟ୍ ସିରିଜ୍‌ର ଆଜି ଚତୁର୍ଥ ମ୍ୟାଚ୍ ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ କେରଳର ଥିରୁବନନ୍ତପୁରମ୍‌ସ୍ଥିତ ଗ୍ରୀନ୍ ଫିଲ୍ଡ୍ ଆନ୍ତର୍ଜାତିକ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହେବ । ଭାରତୀୟ ସମୟ ସନ୍ଧ୍ୟା ୭ଟାରେ ମ୍ୟାଚ୍ ଆରମ୍ଭ ହେବ । ଏହି ସିରଜ୍‌ରେ ଭାରତୀୟ ମହିଳା ଦଳ ୩-୦ରେ ଆଗୁଆ ଅଛନ୍ତି । ଆସନ୍ତା ମଙ୍ଗଳବାର ଦିନ ଏହି ଷ୍ଟାଡିୟମ୍‌ରେ ପଞ୍ଚମ ତଥା ଅନ୍ତିମ ଟି-ଟ୍ୱେଣ୍ଟି ମ୍ୟାଚ୍ ଖେଳାଯିବ । ଗତ ଶୁକ୍ରବାର ଅନୁଷ୍ଠିତ ତୃତୀୟ ମ୍ୟାଚ୍‌ରେ ଭାରତ ୮ ୱିକେଟ୍‌ରେ ଶ୍ରୀଲଙ୍କାକୁ ପରାସ୍ତ କରିଥିଲା ।

*****